# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 23 September – 2025

---

## ଚଳଚ୍ଚିତ୍ର ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ୭୧ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ । ବିଭିନ୍ନ ବର୍ଗରେ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ଅଭିନେତା, ନିର୍ଦ୍ଦେଶକ ଏବଂ ପ୍ରଯୋଜକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ଆଞ୍ଚଳିକ ବର୍ଗରେ ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛି ।

---

## ପୁରୀ- ରତ୍ନଭଣ୍ଡାର ମରାମତି

ପୁରୀ ଶ୍ରୀମନ୍ଦିରରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଥିବା ଶ୍ରୀଜୀଉଙ୍କର ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ଆଜି ସ୍ଥାୟୀ ଭଣ୍ଡାରକୁ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ସ୍ଥାନାନ୍ତର କରାଯିବ। ଆଜି ପୂର୍ବାହ୍ନ ୧୦ଟାରୁ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ସହ ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗତ ମୋହନ ଶୋଧ କରାଯିବ। ଶ୍ରଦ୍ଧାଳୁଙ୍କ ନିମନ୍ତେ ଆନନ୍ଦ ବଜାରରେ ମହାପ୍ରସାଦ ସେବା ଜାରି ରହିବ । ଏସଂପର୍କରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି:

**V/O**

## ଚାରା-ରକ୍ଷଣାବେକ୍ଷଣ

ଏକ୍ ପେଡ୍ ମା' କେ ନାମ୍ ଅଭିଯାନରେ ରାଜ୍ୟରେ ଗତ ୧୭ତାରିଖରେ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କୁହାଯାଇଛି । ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ନିର୍ଦ୍ଦେଶକ୍ରମେ ଚାରା ଗୁଡ଼ିକର ସୁସ୍ଥ ଅଭିବୃଦ୍ଧି ଓ ରକ୍ଷଣାବେକ୍ଷଣ ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମ୍ୟକମିଟି, ସ୍ୱୟଂସହାୟକ ଗୋଷ୍ଠୀ, ଇକୋ କ୍ଲବ୍, ବିଦ୍ୟାଳୟ, ସରକାରୀ ପ୍ରତିଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି ।

## କର୍ମଶାଳା

ଭୁବନେଶ୍ୱରଠାରେ ଆସନ୍ତା ୨୮ତାରିଖରେ ଜାତୀୟ ମେଡ଼ିଏସନ କର୍ମଶାଳା ଅନୁଷ୍ଠିତ ହେବ । ରାଜ୍ୟରେ ପ୍ରଥମଥର ପାଇଁ ଆୟୋଜିତ ହେଉଥିବା ଏହି କର୍ମଶାଳାରେ ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ସମେତ ସୁପ୍ରିମକୋର୍ଟର ବିଚାରପତି, ବିଭିନ୍ନ ରାଜ୍ୟର ହାଇକୋର୍ଟ ବିଚାରପତିବୃନ୍ଦ, ଆଇନମନ୍ତ୍ରୀ ଏବଂ ଆଇନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଆଇନମନ୍ତ୍ରୀ

ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଗତକାଲି ଏ ସଂପର୍କିତ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି ।

---

# ପୁରସ୍କାର

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ସୁଆକାଟି ଗ୍ରାମପଞ୍ଚାୟତ ଜୁରୀ ପୁରସ୍କାର ବର୍ଗରେ ଜାତୀୟ ଇ-ଗଭର୍ଣ୍ଣାନ୍ସ ସମ୍ମାନ ପାଇଛି । ବିଶାଖାପଟନମ୍‌ଠାରେ ଅନୁଷ୍ଠିତ ଦୁଇଦିନିଆ ଜାତୀୟ ଇ-ଗଭର୍ଣ୍ଣାନ୍ସ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ପ୍ରସାଦ ସିଂଙ୍କଠାରୁ ବାଂଶପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସୁଆକାଟି ସରପଞ୍ଚ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ତୃଣମୂଳ ସ୍ତରରେ ଲୋକଙ୍କୁ ସେବା ପ୍ରଦାନକୁ ତ୍ୱରାନ୍ୱିତ କରିବା ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରଭାବଶାଳୀ ଢଙ୍ଗରେ ବ୍ୟବହାର ପାଇଁ ପଦକ୍ଷେପ ଗ୍ରହଣ କରିବାରୁ ସୁଆକାଟି ପଞ୍ଚାୟତକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

---

# ଶିବିର

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର କ୍ୟାମ୍ପ ଚାଲିଛି । କ୍ୟାମ୍ପରେ ଆଇନସେବା ସଚେତନ, ଏଡ୍‌ସ ପରୀକ୍ଷା ଶିବିର, ରାଷ୍ଟ୍ରଗଠନରେ ମହିଳାଙ୍କ ଭୂମିକା ତଥା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି । ଗତକାଲି ଶିବିରର ପଞ୍ଚମ ଦିନରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ନଭନୀତା ଦାସ ଯୋଗଦେଇ ଆଇନର ବିଭିନ୍ନ ଦିଗ ଏବଂ ସେବା ପ୍ରଦାନ କ୍ଷେତ୍ରରେ ସହାୟତା ସଂପର୍କରେ ଆଲୋକପାତ କରିଥିଲେ ।

---

# ଆୟୁର୍ବେଦ ଦିବସ

ପ୍ରାଚୀନ ଜ୍ଞାନଧାରା, ମାନବ ଜୀବନ ଏବଂ ପୃଥିବୀ ସହିତ ସମନ୍ୱୟ ରଖି ଚିକିତ୍ସା ଦୃଷ୍ଟିକୋଣକୁ ଆୟୁର୍ବେଦ ପ୍ରସ୍ତୁତ କରିଥାଏ । ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ ସମସ୍ତଙ୍କୁ ଜ୍ଞାନର ଗଭୀର ମୂଲ୍ୟ ବୁଝାଇବା ସହିତ ମନୁଷ୍ୟର ସ୍ୱାସ୍ଥ୍ୟକୁ ପ୍ରକୃତି ସହିତ ସମନ୍ୱୟ ରଖିବା ପାଇଁ ଆୟୁର୍ବେଦ ବାର୍ତ୍ତା ଦେଇଥାଏ । ଚଳିତବର୍ଷଠାରୁ ଜାତୀୟ ଆୟୁର୍ବେଦ ଦିବସକୁ ଆଜିର ଦିନରେ ପାଳନ କରିବା ଏକ ଐତିହାସିକ ପଦକ୍ଷେପ । ଆୟୁର୍ବେଦ ଶାରୀରିକ ଓ ମାନସିକ ସନ୍ତୁଳନ ଉପରେ ପର୍ଯ୍ୟବେସିତ । ଏହା ଏକ ଚିକିତ୍ସା ପଦ୍ଧତି ଏବଂ ଜୀବନ ଶୈଳୀ। ଚଳିତବର୍ଷ ଜାତୀୟ ଆୟୁର୍ବେଦ ଦିବସର ବାର୍ତ୍ତା ହେଉଛି **ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ ।**

# ସାଂକେତିକ ଭାଷା ଦିବସ

ସାଂକେତିକ ଭାଷା ହେଉଛି ଭାଷାଭିତ୍ତିକ ଓ ସାଂସ୍କୃତିକ ବିବିଧତାର ଏକ ଅଂଶ । ବ୍ୟକ୍ତିର ଅଭିବୃଦ୍ଧି ଓ ବିକାଶରେ ସାଂକେତିକ ଭାଷା ଗୁରୁତ୍ୱ ବହନ କରିଥାଏ ।୨୦୧୭ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭାରେ ଆଜିର ଦିନକୁ ଆନ୍ତର୍ଜାତିକ ସାଂକେତିକ ଭାଷା ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ୨୦୧୮ ମସିହାରୁ ଏହି ଦିବସ ପାଳନ କରାଯାଉଛି । ଚଳିତବର୍ଷ ଆନ୍ତର୍ଜାତିକ ସାଂକେତିକ ଭାଷା ଦିବସର ବାର୍ତ୍ତା ହେଉଛି **ସାଂକେତିକ ଭାଷା ଆମକୁ ଏକତ୍ର କରେ ।** ପୃଥିବୀରେ ୭ କୋଟିରୁ ଅଧିକ ମୂକ ଓ ବଧିର ଲୋକ ଅଛନ୍ତି । ସାମୂହିକ ଭାବେ

ସେମାନେ ୩୦୦ରୁ ଅଧିକ ବିଭିନ୍ନ ସାଂକେତିକ ଭାଷା ବ୍ୟବହାର କରିଥାନ୍ତି ।

---

## ପାଣିପାଗ

ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତା ଗୁରୁବାର ଦିନ ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶୁକ୍ରବାର ଆଡ଼କୁ ଏହା ଅଧିକ ଘନୀଭୂତ ହୋଇ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତର ରୂପ ନେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଚଳିତ ସପ୍ତାହ ଶେଷ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଓ ବଜ୍ରପାତ ଲାଗି ରହିବ । ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟରେ ୮୦ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

---